SAMBAD ସମ୍ବାଦ circulated odia daily






ଓଡିଶାରେ ଗ୍ରାମ୍ୟ ନିଶ୍ଚିତ କର୍ମଯୋଗାଣ ଯୋଜନା: ଜାଲିଆତିକୁ ସରକାରୀ ପ୍ରୋତ୍ସାହନ, ବିଜେଡି ସାଂସଦଙ୍କୁ ମାଡ, ବିଏମ୍‌ସି ଭେଳିକି : ଯୋଜନା ବିଶାଳ କାମ ଶୂ

ତାରିଖ : ୧୧/୨/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | | | |



Click here for WEB ADVERTISEMENT TARIFF CLICK

Non-Resident Oriyas
Newsletter.

---

ଭୁବନେଶ୍ୱର (ଇମିସ): ଓଡିଶାରୁ ପ୍ରସ୍ତାବିତ ଆଇଆଇଟି ସ୍ଥାନାନ୍ତରଣ ପ୍ରସଙ୍ଗକୁ ନେଇ ଏବେ ଅସନ୍ତୋଷ କ୍ରମଶଃ ଦାନା ବାନ୍ଧୁଛି । ଆମାଗୀ ଓଡିଶା ସଂସ୍ଥା ସଂସଦ ଘେରାଉ ନିଷ୍ପତ୍ତି ନେଇଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବେ ଏହାକୁ ସମର୍ଥନ କରିବାକୁ ସ୍ଥିର କରିଛନ୍ତି । ତେବେ ସଂଗଠନ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଉପା ଅଧ୍ୟକ୍ଷାଙ୍କୁ ଏ ସଂକ୍ରାନ୍ତରେ ଏକ ପତ୍ର ଲେଖାଯାଇଛି ଓ ଏକାଦଶ ଯୋଜନାରେ ଓଡିଶାରେ ଆଇଆଇଟି ପ୍ରତିଷ୍ଠା କରିବା ଲାଗି ଅନୁରୋଧ କରାଯାଇଛି । ପତ୍ରରେ ଉଲ୍ଲେଖ ରହିଛି ଯେ ଗତ ଅଗଷ୍ଟ ୨୮ ତାରିଖ ଦିନ କେନ୍ଦ୍ର ମାନବସମ୍ବଳ ରାଷ୍ଟ୍ରମନ୍ତ୍ରୀ ଏମ୍ ଏ ଏ ଫାତିମ୍ ଓଡିଶାରେ ଆଇଆଇଟି କରାଯିବା ନେଇ ଘୋଷଣା କରିଥିଲେ । ମାତ୍ର ଡିସେମ୍ବର ୨୦ ତାରିଖ ଦିନ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବଦଳି ଯାଇଛି । କେବଳ ସେତିକି ନୁହେଁ, ମାନବ ସମ୍ବଳ ବିକାଶ ବିଭାଗର କ୍ରମାଗତ ଅବିଚାର ମଧ୍ୟ ଓଡିଶାବାସୀଙ୍କୁ ବ୍ୟଥିତ କରିଛି । ପୂର୍ବରୁ ଓଡିଶା ସମେତ ବିହାର ଓ ରାଜସ୍ଥାନକୁ ସଂପୃକ୍ତ ବିଭାଗ କମ୍ ଅର୍ଥ ଦେଉଥିଲେ । ମାତ୍ର ଏବେ ବିହାର ଓ ରାଜସ୍ଥାନରେ ଆଇଆଇଟି କରିବା ଲାଗି ଘୋଷଣା କରାଯାଇଥିବା ବେଳେ ଓଡିଶାକୁ ବାଦ୍ ଦିଆଯାଇଛି । ଓଡିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ କରାଯାଉଥିବାରୁ ଆଇଆଇଟି କରାଯିବ ନାହିଁ ବୋଲି କେନ୍ଦ୍ର ଯେଉଁ ଆଳ ଦେଖାଉଛନ୍ତି, ତାହାକୁ ମଧ୍ୟ ସଂଗଠନ ସମାଲୋଚନା କରିଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଆଣବିକ ଶକ୍ତି ବିଭାଗର ଅର୍ଥରେ ହେଉଛି । ଏହା ସହିତ ମାନବ ସମ୍ବଳ ବିକାଶ ବିଭାଗର ସର୍କ ନାହିଁ । ସେମିତି ଦେଖିବାକୁ ଗଲେ ଆନ୍ଧ୍ର, ବିହାର ଆଦି ରାଜ୍ୟରେ କେନ୍ଦ୍ର ସରକାରଙ୍କ ଅନ୍ୟ ବିଭାଗ ଅର୍ଥରେ ମଧ୍ୟ ପ୍ରତିଷ୍ଠାନ ଖୋଲାଯାଇଛି । ଓଡିଶାରେ ଅନ୍ୟ ରାଜ୍ୟ ଭଳି ବନ୍ଦ, ଧର୍ମଘଟ କରାଯାଉନାହିଁ । ବରଂ ଶାନ୍ତି ମାର୍ଗ ଅନୁସରଣ କରି ଏସବୁ ଅନ୍ୟାୟ ପ୍ରତିବାଦ କରାଯାଉଛି । ସ୍ରତି ଦେଶରେ ଆତଙ୍କବାଦୀ ସମସ୍ୟା ଜୋରଦାର ହେଉଥିବା ବେଳେ ଓଡିଶାର ଏଭଳି କାର୍ଯ୍ୟକୁ କେନ୍ଦ୍ର ସରକାର ପ୍ରଶଂସା କରିବା ବଦଳରେ ଯେଉଁଭଳି ଦଣ୍ଡ ଦେଉଛନ୍ତି ତାହା ଦୁର୍ଭାଗ୍ୟଜନକ ।

ମୂଖ୍ୟଖବର

- ରାଜକୋଟରେ ତେନ୍ଦୁଲକର ଓ ସେହବାଗ ଅଭ୍ୟାସ କରୁଛନ୍ତି/ ଲଣ୍ଡନରୁ ଫେରିବା ପରେ ସିଦ୍ଧିବିନାୟକ ମନ୍ଦିରରେ ଶିଳ୍ପା ସେଟ୍ଟୀଙ୍କ ପୂଜାର୍ଚ୍ଚନା
- ଜାଲିଆତିକୁ ସରକାରୀ ପ୍ରୋତ୍ସାହନ/ ଓଡ଼ିଶାରେ ଗ୍ରାମ୍ୟ ନିଶ୍ଚିତ କର୍ମଯୋଗାଣ ଯୋଜନା
- ବିଜେଡି ସାଂସଦଙ୍କୁ ମାଡ଼
- ଯୋଜନା ବିଶାଳ, କାମ ଶୂନ/ ବିଏମ୍‌ସି ଭେଳିକି
- ପିଭିସି ପାଇପ ସ୍କାମ୍ / ହାଇକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ କିଣା ଚାଲିଛି









- ୭୦ ଟଙ୍କା ମଜୁରୀ ଏପ୍ରିଲରୁ ଲାଗୁ ହେବ
- ଲାଲୁଙ୍କୁ ୩୯ ଆନ୍ଧ୍ର ସାଂସଦଙ୍କ ଚିଠି/ ପୂର୍ବତଟ ରେଳ ଜୋନ୍ ବିଭାଜନ ଦାବି







বিতর্ক/ମତାମତ ସଂଗ୍ରହ

**୧୯୯୩ ତଦନ୍ତ ରିପୋର୍ଟ ନ ମିଳିବା ସରକାରଙ୍କ ଦକ୍ଷତାର ଅଭାବ ନୁହେଁ କି ?**

- ( ) ହଁ
- ( ) ନା
- ( ) ଅନ୍ୟାନ୍ୟ

[Vote]

ଫଳାଫଳ

**News letter**

**Newsletter Signup**

Name*

Email*

[Subscribe]

Unsubscribe







**କଟାକ୍ଷ**

ବିଧାନସଭାର ଗାଡ଼ି ବୋହୁଥେଲା ବିଜେଡ଼ିର ଚିରୁକୁଟି କମିସନଙ୍କର ହାତରେ ପଡ଼ିଲା ବାଚସ୍ପତିଙ୍କର ଚୁଟି.... ହେଇଯିବ କିବା ଛୁଟି.... କରତ ଭଳିଆ ଦାନ୍ତରେ ନବୀନ ଚୁଟିଟା ଦବକି କାଟି....

Make your attractive website with domain name booking and web space only @ **INR 3995**/- * for further information contact in

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768